# ଆଘାତ ପରବର୍ତ୍ତୀ ରକ୍ତସ୍ରାବ ସଂକ୍ରାନ୍ତୀୟ ଆନ୍ତର୍ଜାତୀୟ ଗବେଷଣା

## ରୋଗୀ, ସ ର୍କୀୟ ଏବଂ ପ୍ରତିନିଧିମାନଙ୍କ ପାଇଁ ସୂଚନା ଏବଂ ସମ୍ମତି ଫର୍ମ

ଆଘାତ ପରବର୍ତ୍ତୀ ରକ୍ତସ୍ରାବ ସଂକ୍ରାନ୍ତୀୟ ଆନ୍ତର୍ଜାତୀୟ ଗବେଷଣାରେ ଆପଣଙ୍କର ଅଂଶଗ୍ରହଣ ନେଇ ଯଦି ଆପଣଙ୍କର କିଛି ଜାଣିବାର ଥାଏ, ଦୟାକରି ଯୋଗାଯୋଗ କରନ୍ତୁ:

(INSERT HOSPITAL CONT ACT DETAILS)


### ଗବେଷଣା ସମନ୍ୱୟ କେନ୍ଦ୍ର:

ଆଘାତ ପରବର୍ତ୍ତୀ ରକ୍ତସ୍ରାବ ସଂକ୍ରାନ୍ତୀୟ ଆନ୍ତର୍ଜାତୀୟ ଗବେଷଣା ରୁମ୍ 180
ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ ମେଡିସିନ୍
କେପେଲ୍ ଷ୍ଟ୍ରୀଟ୍ (Keppel Street)
ଲଣ୍ଡନ (London) WC1E 7HT
ୟୁନାଇଟେଡ୍ କିଙ୍ଗଡମ୍ (United Kingdom)

ଟେଲିଫୋନ୍ +44 20 7299 4684
WWW.CRASH2.LSHTM.AC.UK



ISRCTN86750102
Version 3: 07/02/05

ଅତି ଶୋଚନୀୟ ଆଘାତ ପରେ ଅତ୍ୟଧିକ ରକ୍ତସ୍ରାବକୁ କମ୍ କରିବା ଉପାୟମାନ ଖୋଜି ବାହାର କରିବା ଉଦ୍ଦେଶ୍ୟରେ ଏହି ହସ୍ପିଟାଲ ଗୋଟିଏ ଗବେଷଣାରେ ଅଂଶଗ୍ରହଣ କରୁଛି ।

**(1)** ଏହି ଗବେଷଣାରେ ଆପଣଙ୍କୁ ସାମିଲ କରାଯାଇଛି ।

**(2)** ଏହି ଗବେଷଣାରେ ଆପଣଙ୍କ ସାମିଲ କରିବାକୁ ଆମେ ଇଛା କରୁଛୁ ।

**(3)** ଏହି ଗବେଷଣାରେ ____________________ (ରୋଗୀଙ୍କ ନାମ)ଙ୍କୁ ସାମିଲ କରିବାକୁ ଆମେ ଇଛା କରୁଛୁ ।

*(ଦୟାକରି ଉପଯୁକ୍ତ ବୃତ୍ତରେ ଚିହ୍ନିତ କରନ୍ତୁ)*

## ଗବେଷଣାଗୁଡିକ ବିଷୟରେ ଆପଣ କ'ଣ ଜାଣିବା ଉଚିତ୍?

ଗବେଷଣାର ଉଦ୍ଦେଶ୍ୟ, ଏଥିରେ ଅଂଶଗ୍ରହଣ କଲେ ଏହାର ସୁବିଧା ଏବଂ ସମ୍ଭାବିତ ଅସୁବିଧା ସହିତ ଏହି ଗବେଷଣା ବିଷୟରେ ସମସ୍ତ ସୂଚନା ଆପଣ ଏହି ଫର୍ମରୁ ପାଇପାରିବେ ।

ଏହି ହସ୍ପିଟାଲରେ, ଅତ୍ୟଧିକ ରକ୍ତସ୍ରାବ କରୁଥିବା ରୋଗୀମାନଙ୍କୁ ସାଧାରଣତଃ ରକ୍ତସ୍ରାବ ସଂକ୍ରାନ୍ତୀୟ ଜରୁରୀକାଳୀନ (ଏମର୍ଜେନ୍ସୀ) ଚିକିତ୍ସା କରାଯାଏ । ଆହୁରି ଅଧିକ ଭଲ କିମ୍ବା ଅଧିକ ଫଳପ୍ରଦ ଚିକିତ୍ସାର ସନ୍ଧାନ କରିବା ଏହି ଗବେଷଣାର ଲକ୍ଷ୍ୟ । ଆମେ ଆଶା କରୁଛି ଯେ ଗବେଷଣା ଅନ୍ତର୍ଗତ ଚିକିତ୍ସା (ଟ୍ରାନ୍ଏକ୍ଜାମିକ ଏସିଡ୍) ରକ୍ତକୁ ଘନୀଭୂତ (କ୍ଲଟିଂ) କରାଇବାରେ ସାହାଯ୍ୟ କରିବ ଏବଂ ଏହାଦ୍ୱାରା ନଷ୍ଟ ହୋଇଯାଉଥିବା ରକ୍ତର ପରିମାଣକୁ କମ୍ କରିବ ଏବଂ ରୋଗୀର ଶରୀରରେ ଅନ୍ୟ କାହାର ରକ୍ତ ଯୋଗାଣ (ବ୍ଲଡ୍ ଟ୍ରାନ୍ସଫ୍ୟୁଜନ)ର ଆବଶ୍ୟକତାକୁ କମ୍ କରିବ । କିନ୍ତୁ ଏହି ପ୍ରୟୋଗାତ୍ମକ ଚିକିତ୍ସା ଆବଶ୍ୟକତା ନ ଥିବା ବେଳେ ମଧ୍ୟ ରକ୍ତକୁ ଘନୀଭୂତ (କ୍ଲଟିଂ) କରିପାରେ । ଆମେ ଏମିତି ଏକ ଚିକିତ୍ସା ପଦ୍ଧତି ବାହାର କରିବାକୁ ଆଶା କରୁଛୁ ଯାହା କ୍ଷତି ନୁହେଁ, ଅଧିକ ଉନ୍ନତି କରିବ, କିନ୍ତୁ ଏପର୍ଯ୍ୟନ୍ତ ଆମେ ଏବିଷୟରେ କିଛି ଜାଣିନାହୁଁ । ଦୟାକରି ତଳେ ଦିଆଯାଇଥିବା ସୂଚନାକୁ ଭଲ ଭାବରେ ପଢନ୍ତୁ ଏବଂ ଆପଣଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଯାହା ଜାଣିବାକୁ ଚାହାଁନ୍ତି, ସେ ବିଷୟରେ ପ୍ରଶ୍ନ ପଚାରନ୍ତୁ ।

## 1) ଏହି ଗବେଷଣା କାହିଁକି କରାଯାଇଛି?

ଆଘାତ ପାଇବା ପରେ ଅତ୍ୟଧିକ ରକ୍ତସ୍ରାବ ମୃତ୍ୟୁର ଏକ ସାଧାରଣ କାରଣ ଏବଂ ନଷ୍ଟ ହୋଇଯାଉଥିବା ରକ୍ତର ପରିମାଣକୁ କମ୍ କରିବା ପାଇଁ ଆହୁରି ଅଧିକ ଫଳପ୍ରଦ ଉପାୟମାନ ଖୋଜି ବାହାର କରିବା ବହୁତ ଜରୁରୀ ।



## 2) ଏହି ଗବେଷଣାର ଉଦ୍ଦେଶ୍ୟ କ'ଣ?

ହୃଦୟର ଅସ୍ତ୍ରୋପଚାର (ହାର୍ଟ ଅପରେସନ) ଭଳି ବଡ ବଡ ଶଲ୍ୟ ଚିକିତ୍ସା (ସର୍ଜେରୀ) ପରେ ରକ୍ତସ୍ରାବକୁ ବନ୍ଦ କରିବା ପାଇଁ ସାଧାରଣତଃ ଟ୍ରାନ୍ଏକ୍ଜାମିକ ଏସିଡ୍ ବ୍ୟବହାର କରାଯାଏ । ଏକ ଗମ୍ଭୀର ଆଘାତ ପରେ ଟ୍ରାନ୍ଏକ୍ଜାମିକ ଏସିଡ୍ ରକ୍ତସ୍ରାବକୁ ବନ୍ଦ କରିପାରିବ କି ନାହିଁ, ଏହା ଦେଖିବା ପାଇଁ ଏହି ଅନୁସନ୍ଧାନ କରାଯାଇଛି । ଟ୍ରାନ୍ଏକ୍ଜାମିକ ଏସିଡ୍ ଏକ ନୂଆ ଔଷଧ ନୁହେଁ ଏବଂ ରକ୍ତସ୍ରାବ କରାଉଥିବା କେତେକ ସାଧାରଣ ପରିସ୍ଥିତିଗୁଡିକ ପାଇଁ ଏହା ଏକ ଅନୁମୋଦିତ ଚିକିତ୍ସା ।

## 3) ଏହି ଗବେଷଣା କାହା ଦ୍ୱାରା କରାଯାଉଛି?

ଡଃ ______________________ ଏହି ହସ୍ପିଟାଲରେ ଏହି ଗବେଷଣାର ନେତୃତ୍ୱ ନେଉଛନ୍ତି । ଲଣ୍ଡନ ବିଶ୍ୱବିଦ୍ୟାଳୟର ଡାକ୍ତରମାନେ ଏହି ଗବେଷଣାର ସମନ୍ୱୟ କରୁଛନ୍ତି ।

## 4) ଏହି ଗବେଷଣାରେ ଜଣେ ରୋଗୀଙ୍କୁ ସାମିଲ କରାଯାଇ ପାରିବ ନାହିଁ ଯଦି:

- ତାଙ୍କୁ 16 ବର୍ଷରୁ କମ୍ ବୟସ ହୋଇଥାଏ
- ହସ୍ପିଟାଲରେ ପହଞ୍ଚିବାର 8 ଘଣ୍ଟାରୁ ଅଧିକ ସମୟ ପୂର୍ବରୁ ସେ ଆଘାତ ପାଇଥାନ୍ତି
- ଡାକ୍ତର ଏହା ଚିନ୍ତା କରନ୍ତି ଯେ ଏକ ବିଶେଷ କାରଣ ପାଇଁ ତାଙ୍କୁ ଟ୍ରାନ୍ଏକ୍ଜାମିକ ଏସିଡ୍ ନିର୍ଦ୍ଦିଷ୍ଟଭାବରେ ଦିଆଯିବା **ଉଚିତ୍ ନୁହେଁ**
- ଡାକ୍ତର ଏହା ଚିନ୍ତା କରନ୍ତି ଯେ ଏକ ବିଶେଷ କାରଣ ପାଇଁ ତାଙ୍କୁ ଟ୍ରାନ୍ଏକ୍ଜାମିକ ଏସିଡ୍ ନିର୍ଦ୍ଦିଷ୍ଟଭାବରେ ଦିଆଯିବା **ଉଚିତ୍**

## 5) ଏହି ଗବେଷଣା ସମୟରେ କ'ଣ କ'ଣ ହୋଇଛି/ହେବ?

ରକ୍ତସ୍ରାବଜନିତ କ୍ଷତିପୂରଣ ପାଇଁ ଆପଣଙ୍କୁ/ରୋଗୀଙ୍କୁ ସାଧାରଣ ଜରୁରୀକାଳୀନ ଚିକିତ୍ସା ଦିଆଯାଇଥିଲା/ଦିଆଯିବ । ଆପଣଙ୍କୁ/ରୋଗୀଙ୍କୁ ସକ୍ରିୟ ଟ୍ରାନ୍ଏକ୍ଜାମିକ ଏସିଡ୍ର ଗୋଟିଏ ମାତ୍ରା ନଚେତ୍ ସାଲାଇନ କୁହାଯାଉଥିବା ଏକ ନିଷ୍କ୍ରିୟ କୃତ୍ରିମ ଔଷଧ ଦିଆଯାଇଥିଲା/ଦିଆଯିବ । ଆଠ ଘଣ୍ଟାରୁ ଅଧିକ ସମୟ ଏହି ମାତ୍ରା ଦିଆଯାଇଥିଲା/ଦିଆଯିବ ।

ଚିକିତ୍ସାର ବିକଳ୍ପ ବିଷୟରେ (ସକ୍ରିୟ ଚିକିତ୍ସା କିମ୍ବା କୃତ୍ରିମ ଚିକିତ୍ସା) ବ୍ରିଟେନର ଅକ୍ସଫୋର୍ଡରେ ଗୋଟିଏ କମ୍ପ୍ୟୁଟର ଦ୍ୱାରା ଲକ୍ଷ୍ୟହୀନ ଭାବେ (ରାଣ୍ଡମ) ସ୍ଥିର କରାଯାଇଥିଲା ଆପଣଙ୍କୁ/ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ ଏହି ସକ୍ରିୟ କିମ୍ବା ନିଷ୍କ୍ରିୟ ଔଷଧ ଦିଆଯାଇଥିବା ବିଷୟରେ କିଛି ଜାଣନ୍ତି ନାହିଁ । ଏହି ସୂଚନାକୁ ଅନ୍ୟ ଏକ ହସ୍‌ପିଟାଲରେ ଏକ ଗୁପ୍ତ ତାଲିକାରେ ରଖାଯାଏ । ଏହି ଗବେଷଣାରେ କୌଣସି ଅତିରିକ୍ତ ପରୀକ୍ଷା କରାଯାଏନାହିଁ କିନ୍ତୁ ଚିକିତ୍ସା କରୁଥିବା ଡକ୍ତର ଆପଣଙ୍କ/ରୋଗୀଙ୍କ ବିଷୟରେ ସଂକ୍ଷିପ୍ତ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡିକ ଲଣ୍ଡନସ୍ଥିତ ସମନ୍ୱୟ କେନ୍ଦ୍ରକୁ ପଠାଇବେ । ଏହି ଗବେଷଣାରେ କାର୍ଯ୍ୟରତ ବ୍ୟକ୍ତିମାନେ ଏହି ସୂଚନାକୁ ଅତି ଗୋପନୀୟତାର ସହିତ ବ୍ୟବହାର କରିବେ ଏବଂ ଯେ କୌଣସି ପରିସ୍ଥିତିରେ ମଧ୍ୟ ଏହି ସୂଚନାକୁ ପ୍ରକାଶ କରାଯିବ ନାହିଁ ।

## 6) ଏହି ଗବେଷଣାରେ କ'ଣ କ'ଣ କ୍ଷତି ହୋଇପାରେ?

ଟ୍ରାନ୍‌ଏକ୍‌ଜାମିକ ଏସିଡ୍‌କୁ ବହୁତ କ୍ଷେତ୍ରରେ ବ୍ୟବହାର କରାଯାଉଛି ଏବଂ ଅଳ୍ପକାଳୀନ ବ୍ୟବହାରରେ ଏହାର କୌଣସି ଗମ୍ଭୀର ପାର୍ଶ୍ୱପରିଣତି (ସାଇଡ୍ ଏଫେକ୍ଟ) ବିଷୟରେ କୌଣସି ପ୍ରମାଣ ନାହିଁ । ଟ୍ରାନ୍‌ଏକ୍‌ଜାମିକ ଏସିଡ୍ ଏକ ନୂଆ ଔଷଧ **ନୁହେଁ** ।

## 7) ଏହି ଗବେଷଣାରେ ଯୋଗ ଦେଲେ କ'ଣ କ'ଣ ସୁବିଧା ଅଛି?

ଟ୍ରାନ୍‌ଏକ୍‌ଜାମିକ ଏସିଡ୍ ରକ୍ତକ୍ଷୟକୁ କମାଇ ପାରିବ ବୋଲି ଆମେ ଆଶା କରୁଛୁ । ଏହି ଗବେଷଣାରୁ ଆମର ଉପକୃତ ହେବା ସଂକ୍ରାନ୍ତୀୟ ସମ୍ବାଦ ବା ଜ୍ଞାନ ଭବିଷ୍ୟତରେ ଏହି ପ୍ରକାରର ଆଘାତପ୍ରାପ୍ତ ଲୋକମାନଙ୍କୁ ଉପକୃତ କରିବ ।

## 8) ଯଦି ଆପଣଙ୍କର କୌଣସି ସମସ୍ୟା ବା ପ୍ରଶ୍ନ ଅଛି, କାହା ସହିତ ଯୋଗାଯୋଗ କରିବେ?

ଯଦି ଆପଣଙ୍କର କୌଣସି ପ୍ରଶ୍ନ ଅଛି

ଦୟାକରି ଡ: ________________________________ ଙ୍କ ସହିତ ଟେଲିଫୋନ

ନଂ. ________________________________ ରେ ଯୋଗାଯୋଗ କରନ୍ତୁ ।



## 9) କେଉଁ ସୂଚଣାଗୁଡିକୁ ଆମେ ବ୍ୟକ୍ତିଗତ ରଖୁ?

ଆପଣ/ରୋଗୀ ଏବଂ ଆପଣଙ୍କ/ରୋଗୀଙ୍କ ବିଷୟରେ ସମସ୍ତ ସୂଚନାକୁ ବ୍ୟକ୍ତିଗତ ରଖାଯିବ । ଯେଉଁମାନଙ୍କୁ ଏହି ସୂଚନା ଦେଖିବାକୁ ଅନୁମତି ଦିଆଯିବ, ସେମାନେ ହେଲେ କେବଳ ଏହି ଗବେଷଣାରେ ଜଡିତ ଡାକ୍ତରମାନେ ସମନ୍ୱୟ କେନ୍ଦ୍ରର କର୍ମଚାରୀମାନେ ଏବଂ ଏହି ଗବେଷଣାକୁ ଠିକ ରୂପେ କାର୍ଯ୍ୟକାରୀ କରାଯାଉଛି କି ନାହିଁ, ଏହାର ନିରୀକ୍ଷଣ ଦାଇତ୍ୱରେ ଥିବା ନିୟନ୍ତ୍ରକ କର୍ମକର୍ତ୍ତାମାନେ । ଏହି ଗବେଷଣାର ଫଳାଫଳକୁ ଆମେ ଏକ ମେଡିକାଲ ଜର୍ଣ୍ଣାଲ (ଚିକିତ୍ସା ପତ୍ରିକା)ରେ ପ୍ରକାଶ କରିବୁ ଏହା ପ୍ରକାଶିତ ହେବାଦ୍ୱାରା ଅନ୍ୟ ଡାକ୍ତରମାନେ ମଧ୍ୟ ଏସଂକ୍ରାନ୍ତୀୟ ଜ୍ଞାନଦ୍ୱାରା ଉପକୃତ ହୋଇପାରିବେ । କିନ୍ତୁ ଏଥିରେ ଆପଣଙ୍କର ବ୍ୟକ୍ତିଗତ ସୂବଚନାକୁ ସାମିଲ କରାଯିବ ନାହିଁ ଏବଂ ଏମିତି କୌଣସି ଅନ୍ୟ ସୂଚନା ଦିଆଯିବ ନାହିଁ ଯାହାଦ୍ୱାରା ଆପଣଙ୍କ ପରିଚୟ ଜଣାପଡିବ ।

## 10) ରୋଗୀମାନଙ୍କ ପାଇଁ ଏହି ଗବେଷଣା ଶୀଘ୍ର ସମାପ୍ତ ହେବ କି?

ଜରୁରୀ ପରିସ୍ଥିତିରେ ଗବେଷଣା ଅନ୍ତର୍ଗତ ଏହି ଚିକିତ୍ସା ଗ୍ରହଣ କରାଯାଇଥିଲା । ଆମେ ଆଶା କରୁଛୁ ଯେ ଆପଣ/ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ସଂକ୍ରାନ୍ତୀୟ ସୂଚନା ଆମକୁ ବ୍ୟବହାର କରିବାକୁ ଦେବେ, କିନ୍ତୁ ଆମେ ଏହା ବ୍ୟବହାର କରୁ ବୋଲି ଯଦି ଆପଣ ଚାହାଁନ୍ତି ନାହିଁ, ତେବେ ଡାକ୍ତରଙ୍କୁ ଏକଥା କହିଦେବେ ।

## 11) ଆପଣ ଆଉ କ'ଣ କ'ଣ ଜାଣିବା ଉଚିତ?

- ଲଣ୍ଡନ ବିଶ୍ୱବିଦ୍ୟାଳୟ ଏବଂ ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥାର ପାଣ୍ଠିରେ ଏହି ଗବେଷଣା କରାଯାଉଛି, ଟ୍ରାନ୍‌ଏକ୍‌ଜାମିକ ଏସିଡ୍‌ର ନିର୍ମାତାଙ୍କ ପାଣ୍ଠିରେ ନୁହେଁ ।
- ସ୍ୱାସ୍ଥ୍ୟରକ୍ଷା ଏବଂ ଗ୍ରୀଷ୍ମମଣ୍ଡଳୀୟ ଔଷଧ ସଂକ୍ରାନ୍ତୀୟ ଲଣ୍ଡନ ସ୍କୁଲ ଏହି ଗବେଷଣାର ସମନ୍ୱୟ କେନ୍ଦ୍ର ହିସାବରେ ଏହି ଗବେଷଣାର ପୃଷ୍ଠପୋଷକତା ବିଷୟରେ ଦାୟୀ ଏବଂ ତେଣୁ, ଏହି ଗବେଷଣାରେ ଅଂଶଗ୍ରହଣ କରିଥିବା ଯେ କୌଣସି ବ୍ୟକ୍ତିଙ୍କ ଯେକୌଣସି ଅଣ-ଅସାବଧାନ କ୍ଷତି ସଂକ୍ରାନ୍ତୀୟ ଦାବୀ ପାଇଁ ଦାୟୀ ରହିବ ।

# ଆଘାତ ପରବର୍ତ୍ତୀ ରକ୍ତସ୍ରାବ
# ସଂକ୍ରାନ୍ତୀୟ ଆନ୍ତର୍ଜାତୀୟ ଗବେଷଣା

## ସମ୍ମତି

(ଯଦି ଆବଶ୍ୟକ ହୁଏ)

**ଏହି ଗବେଷଣା ବିଷୟରେ ମୁଁ ସ ୂର୍ଣ୍ଣ ଅବଗତ ଏବଂ ନିମ୍ନଲିଖିତ ବିଷୟ ଦୁଇଟି ପ୍ରତି ମୁଁ ମୋର ଇଚ୍ଛା ଏବଂ ଖୁସି ପ୍ରକାଶ କରୁଛି**

1) ଗବେଷଣାରେ ଅଂଶଗ୍ରହଣ କରିବା

2) ମୋର ଆରୋଗ୍ୟଲାଭ ହେବା ସଂକ୍ରାନ୍ତୀୟ ବିସ୍ତୃତ ସୂଚନା ଏହି ଗବେଷଣା ଦ୍ୱାରା ବ୍ୟବହୃତ ହେବା

**କିମ୍ବା, ଯଦି ଆପଣ ରୋଗୀ ନୁହଁନ୍ତି**

3) ନିମ୍ନଲିଖିତ ରୋଗୀଙ୍କର ଅଂଶଗ୍ରହଣ

4) ରୋଗୀଙ୍କର ଆରୋଗ୍ୟଲାଭ ହେବା ସଂକ୍ରାନ୍ତୀୟ ବିସ୍ତୃତ ସୂଚନା ଏହି ଗବେଷଣା ଦ୍ୱାରା ବ୍ୟବହୃତ ହେବା

ଦସ୍ତଖ : ______________________________

ତାରିଖ: ______________________________

ରୋଗୀଙ୍କ ନାମ: ______________________________

ସମ୍ମତି ପାଇଁ ଅନୁରୋଧକାରୀ ଡାକ୍ତରଙ୍କ ନାମ:

ସମ୍ମତିଦାତାଙ୍କ ନାମ:

______________________________

ଯଦି ଆପଣ ରୋଗୀ ନୁହଁନ୍ତି, ଆପଣଙ୍କର ସ- ର୍କ?

______________________________